ପାଠ - ୭

# ସ୍ଥାନ ଜାଣିବା




ଉପରେ ଦିଆଯାଇଥିବା ଚିତ୍ରକୁ ଲକ୍ଷ୍ୟ କର । ଧାଡ଼ିରେ ଠିଆ ହୋଇଥିବା ଲୋକମାନେ କ'ଣ କରୁଛନ୍ତି ?.

ଧାଡ଼ିରେ ବ୍ୟାଗ ଧରିଥିବା ସ୍ତ୍ରୀ ଲୋକଟିର ସ୍ଥାନ ପ୍ରଥମ ।

ସେହିପରି : ଏମାନେ କେଉଁ କେଉଁ ସ୍ଥାନରେ ଅଛନ୍ତି ଚିତ୍ର ଦେଖି ଲେଖ ।

- ଜଣେ ଲଣ୍ଡା ଲୋକ ________
- ପଞ୍ଜାବୀ (ମୁଣ୍ଡରେ ପଗଡ଼ି ଥାଇ) ଲୋକ ________
- ରୁଦ୍ରାକ୍ଷ ମାଳା ପିନ୍ଧିଥିବା ଲୋକ ________
- ଲମ୍ବା ଦାଢ଼ି ଥିବା ଓ ହାତରେ ବ୍ୟାଗ ଧରିଥିବା ଲୋକ ________
- ମୁଣ୍ଡରେ ଫୁଲ ଥିବା ଜଣେ ଆଦିବାସୀ ସ୍ତ୍ରୀ ଲୋକ ________
- ଆଦିବାସୀ ମହିଳାଙ୍କ ପଛରେ ଥିବା ଲୋକ ________
- ଟୋପି ଲଗାଇଥିବା ଲୋକ ________
- ଚଷମା ପିନ୍ଧିଥିବା ସ୍ତ୍ରୀ ଲୋକ ________
- ବାଡ଼ି ଧରି ଚାଲୁଥିବା ବୁଢ଼ୀ ଲୋକ ________
- ସ୍ତ୍ରୀ ଲୋକମାନେ ଧାଡ଼ିରେ କେଉଁ କେଉଁ ସ୍ଥାନରେ ଅଛନ୍ତି ________

• ଇଂରାଜୀରେ ବାର ମାସର ନାମ :-

ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ଏପ୍ରିଲ, ମେ, ଜୁନ, ଜୁଲାଇ,
ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର ।

ଇଂରାଜୀ ବର୍ଷର ଚତୁର୍ଥ ମାସ ହେଉଛି ଏପ୍ରିଲ । ସେହିପରି ଅଗଷ୍ଟ ହେଉଛି ବର୍ଷର ଅଷ୍ଟମ ମାସ ।

• ସପ୍ତାହର ସାତ ଦିନର ନାମ :-

ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର, ରବିବାର ।

ସପ୍ତାହର ପ୍ରଥମ ଦିନ ସୋମବାର ବୋଲି କହିବା । ସେହିପରି ଶନିବାର ହେଉଛି ସପ୍ତାହର ଷଷ୍ଠ ଦିନ ।

**ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଆଦିକୁ ପୂରଣବାଚକ ସଂଖ୍ୟା କହନ୍ତି ।**

ପ୍ରତ୍ୟେକ ପୂରଣବାଚକ ସଂଖ୍ୟା ଗୋଟିଏ ଗୋଟିଏ ସ୍ଥାନ ବା ନିର୍ଦ୍ଦିଷ୍ଟ ସ୍ଥାନର ବସ୍ତୁକୁ ବୁଝାଏ।



ପ୍ରଥମ ଦ୍ୱିତୀୟ ତୃତୀୟ ଚତୁର୍ଥ ପଞ୍ଚମ

## ଅଭ୍ୟାସ

୧. ଲେଖ - ସପ୍ତାହର ଦ୍ୱିତୀୟ ଦିନର ନାମ । ______

ଗୁରୁବାର, ସପ୍ତାହର କେଉଁ ଦିନ ? ______

ରବିବାର, ସପ୍ତାହର କେଉଁ ଦିନ ? ______

ବର୍ଷର ଚତୁର୍ଥ ମାସର ନାମ । ______

ଜୁନ୍, ବର୍ଷର କେଉଁ ମାସ ? ______

୨. ଜୁନ୍, ୨୦୦୯

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

ଉପର କ୍ୟାଲେଣ୍ଡର ଦେଖି କହ ଓ ଲେଖ

କ) ଏହି ମାସରେ କେତୋଟି ରବିବାର ଅଛି ? ______


ଖ) ମାସର ତୃତୀୟ ରବିବାର କେତେ ତାରିଖ ? ______

ଗ) ମାସର ପ୍ରଥମ ରବିବାର କେତେ ତାରିଖ ? ______

ଘ) ମାସର ଚତୁର୍ଥ ସୋମବାର କେତେ ତାରିଖ ? ______

୩. **ଆସ ମିଳିମିଶି ଗାଇବା :-**

ଘିଡ଼ି ଘିଡ଼ି ଶବଦରେ ରେଳଗାଡ଼ି ଆସିବ,
ଠିଆ ହୋଇଥାଅ ସବୁ ବେଗେ ବେଗେ ବସିବ।
ତର ତର ହୋଇ ଭାଇ ପଶିଯିବା ଭିତରେ,
ଚୁନୁ, ମୁନୁ, ଟୁନୁ, ମିଟୁ ବସିଯିବେ ସିଟରେ ।




ନେଉଳ, ଗୁଣ୍ଡୁଚି ମୂଷା ଖପ୍ ଖପ୍ ଉଠିବେ,
ବାଘ, ଭାଲୁ, ହାତୀ, ଗଧ ନିଜ କଥା ବୁଝିବେ।
ଆସିଗଲା ରେଳଗାଡ଼ି ଲମ୍ବା ସିଟି ବଜାଇ,
ନେଇଗଲା ଯେତେଥିଲେ ନିଜ ଦେହେ ସଜାଇ।

ଚିତ୍ର ଦେଖି କହ :-

୧. କାଉ ରେଳଗାଡ଼ିର କେଉଁ ଡବାରେ ବସିଛି ?
୨. ନେଉଳ କେଉଁ ଡବାରେ ଅଛି ?
୩. ଦ୍ୱାଦଶ ଡବାରେ କିଏ ବସିଛି ?
୪. ବାଘ କେଉଁ ଡବାରେ ବସିଛି ?
୫. ପଞ୍ଚଦଶ ଡବା ପରେ କେଉଁ ଡବା ପଡ଼ିବ ?
୬. ଭାଲୁ ଯେଉଁ ଡବାରେ ଅଛି ତା ପୂର୍ବବର୍ତ୍ତୀ ଡବା କେଉଁଟି ?
୭. ବାଘ ଓ ବଗ ବସିଥିବା ଡବା ମଧ୍ୟରେ କେଉଁ କେଉଁ ଡବା ଅଛି ?

**ଶିକ୍ଷକଙ୍କ ପାଇଁ ସୂଚନା :** ଏକାଦଶରୁ ବିଂଶ ପର୍ଯ୍ୟନ୍ତ ପୂରଣବାଚକ ସଂଖ୍ୟା ସଂପର୍କରେ ଧାରଣା ଦେବା ପାଇଁ ଶିକ୍ଷକ ଏହିଭଳି ଅନେକ ପ୍ରଶ୍ନ ତିଆରି କରି ପିଲାଙ୍କୁ ପଚାରିବେ।

୪. ଚିତ୍ରରେ ସର୍କସ ଖେଳ ଦେଖ।



ବାଘ ପ୍ରଥମ ସ୍ଥାନରେ ଅଛି।

ଅନ୍ୟ ପଶୁ ଓ ପକ୍ଷୀମାନେ କିଏ କେଉଁ ସ୍ଥାନରେ ଅଛନ୍ତି କୁହ।

୫. ଗୋଟିଏ ଘରର କାନ୍ଥରେ ଷୋହଳଟି ଥାକ ଅଛି । କେଉଁ ଥାକରେ କେଉଁ ଜିନିଷ ଅଛି ତାହା ତଳେ ଲେଖାଯାଇଛି। ତୁମେ କାନ୍ଥର ଉପଯୁକ୍ତ ଥାକରେ ଜିନିଷ ଗୁଡ଼ିକର ଚିତ୍ରକରି ଖାତାରେ ସେଗୁଡ଼ିକୁ ଦେଖାଅ ।

ଦ୍ୱାଦଶ ଥାକରେ ବଲ୍, ପ୍ରଥମ ଥାକରେ ପେନସିଲ୍ ।
ଚତୁର୍ଦ୍ଦଶ ଥାକରେ କପ୍, ଷଷ୍ଠ ଥାକରେ ବୋତଲ ।

ଏକାଦଶ ଥାକରେ ବେଲୁନ୍, ଦ୍ୱିତୀୟ ଥାକରେ ବାଲ୍‌ଟି ।
ଷୋଡ଼ଶ ଥାକରେ ଅଣ୍ଡା, ତୃତୀୟ ଥାକରେ ବହି ।

ତ୍ରୟୋଦଶ ଥାକରେ ଗୁଡ଼ି, ଚତୁର୍ଥ ଥାକରେ ଫୁଲ ।
ପଞ୍ଚଦଶ ଥାକରେ ଗ୍ଲାସ, ପଞ୍ଚମ ଥାକରେ ନଟୁ ।

ସପ୍ତମ ଥାକରେ ଛୁରୀ, ଅଷ୍ଟମ ଥାକରେ କଳସୀ ।
ନବମ ଥାକରେ ରବର, ଦଶମ ଥାକରେ ପିଙ୍ଗୁଳି ।